# ଓଡ଼ିଶାରେ ଜଳକୃଷି ପାଇଁ ଆବଶ୍ୟକ ଯନ୍ତ୍ରପାତି ଓ ଅନ୍ୟ ସରଞ୍ଜାମ ଗୁଡ଼ିକର ବହୁଳ ବ୍ୟବହାର ନିମନ୍ତେ ସ୍ୱତନ୍ତ୍ର ପ୍ରୋତ୍ସାହନ

ମତ୍ସ୍ୟ ସମ୍ପଦ ବିକାଶ ନିମନ୍ତେ ଆମ ରାଜ୍ୟରେପର୍ଯ୍ୟାପ୍ତ ସୁଯୋଗ ରହିଛି। ନୂତନ ଜ୍ଞାନ କୌଶଳ ପ୍ରୟୋଗ ମାଧ୍ୟମରେ ଅଧିକ ମାଛ ଓ ଚିଙ୍ଗୁଡ଼ି ଉତ୍ପାଦନ ଓ ଚାଷୀମାନଙ୍କ ଆୟ ବୃଦ୍ଧି ନିମନ୍ତେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜଳକୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ନିମନ୍ତେ ବିଭିନ୍ନ ଯନ୍ତ୍ରପାତି ଓ ଅନ୍ୟ ଉପକରଣର ଉପଯୋଗର ଅଧିକ ଆବଶ୍ୟକତା ରହିଛି। ଏଥି ନିମନ୍ତେ ରାଜ୍ୟ କୃଷି ନୀତି- ୨୦୧୩ରେ ମତ୍ସ୍ୟଚାଷୀ ମାନଙ୍କ ପାଇଁ ବିଭିନ୍ନ ଯନ୍ତ୍ରପାତି ଉପରେ ସ୍ୱତନ୍ତ୍ର ସହାୟତାର ବ୍ୟବସ୍ଥା କରାଯାଇଛି। ବିଜ୍ଞାନସମ୍ମତ ଉନ୍ନତ ମତ୍ସ୍ୟ ଓ ଚିଙ୍ଗୁଡ଼ି ଚାଷ ନିମନ୍ତେ ବାୟୁ ଚାଳନା ପମ୍ପ, ବାୟୁ ସଂଚାଳକ ଯନ୍ତ୍ର, ଜୈବ ସୁରକ୍ଷା ନିମନ୍ତେ ଜାଲ, ମାଛଧରା ଜାଲ ଭଳି ଅନେକ ଯନ୍ତ୍ରପାତି ଓ ସରଞ୍ଜାମ ଗୁଡ଼ିକର ବହୁଳ ବ୍ୟବହାରକୁ ପ୍ରୋତ୍ସାହିତ କରାଯାଉଛି। ରାଜ୍ୟ ଯୋଜନାରୁ ଏହି ଯନ୍ତ୍ରପାତି ଓ ସରଞ୍ଜାମ କ୍ରୟ ଉପରେ ସ୍ୱତନ୍ତ୍ର ଆର୍ଥିକ ରିହାତି ବ୍ୟବସ୍ଥା କରାଯାଇଛି।

ବିଭିନ୍ନ ଯନ୍ତ୍ରପାତି ଓ ସରଞ୍ଜାମ ଉପରେ ଚାଷୀମାନଙ୍କୁ ମିଳୁଥିବା ସହାୟତା

| କ୍ର. ସଂ. | ବିଭିନ୍ନ ଉତ୍ପାଦନ/ ସରଞ୍ଜାମ | ଜଣେ ଚାଷୀଙ୍କ ନିମନ୍ତେ ସର୍ବାଧିକ ୟୁନିଟ୍ | ୟୁନିଟ୍ ମୂଲ୍ୟ (ଟଙ୍କାରେ) | ସରକାରୀ ସହାୟତା ସର୍ବାଧିକ ୪୦ % (ୟୁନିଟ୍ ପ୍ରତି ଟଙ୍କାରେ) |
|---|---|---|---|---|
| ୧. | ବାୟୁଚାଳନା ଯନ୍ତ୍ର (Aerator) | | | |
| | ୧ ଅଶ୍ୱଶକ୍ତି ବିଶିଷ୍ଟ | ୪ | ୨୫,୦୦୦ | ୧୦,୦୦୦ |
| | ୨ ଅଶ୍ୱଶକ୍ତି ବିଶିଷ୍ଟ | ୬ | ୪୦,୦୦୦ | ୧୬,୦୦୦ |
| ୨. | ବାୟୁ ସଂଚାଳକ ଯନ୍ତ୍ର (Air Blower) | | | |
| | ୫ ଅଶ୍ୱଶକ୍ତି ବିଶିଷ୍ଟ | ୧ | ୭୦,୦୦୦ | ୨୮,୦୦୦ |
| | ୧୦ ଅଶ୍ୱଶକ୍ତି ବିଶିଷ୍ଟ | ୧ | ୧,୨୦,୦୦୦ | ୪୮,୦୦୦ |
| ୩. | ମାଛଧରା ଜାଲ ସମସ୍ତ ଉପକରଣ ସହିତ | ୧(୩୦୦ଫୁଟ୍) | ୫୦,୦୦୦ | ୨୦,୦୦୦ |
| ୪. | ଜୈବସୁରକ୍ଷା ଜାଲ ସମୂହ | ୧(ମୋଟାମୋଟି) | ୨୦,୦୦୦ | ୮,୦୦୦ |








## ଏହି ସହାୟତା ପାଇବା ପାଇଁ ଆବଶ୍ୟକତା

୧. ମତ୍ସ୍ୟ ଓ ଚିଙ୍ଗୁଡ଼ି ଉତ୍ପାଦନ ସହିତ ସଂପୃକ୍ତ ଯେ କୌଣସି ସାଧାରଣ ମତ୍ସ୍ୟ ଚାଷୀ / ରେଜିଷ୍ଟ୍ରୀଭୁକ୍ତ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି / ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏହି ସୁବିଧା ପାଇ ପାରିବେ।

୨. ଏଥି ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ବ୍ୟକ୍ତିଗତ ଭାବେ କିମ୍ବା ଇମେଲ୍ (director.odifish@gmail.com) ମାଧ୍ୟମରେ ସଂପୃକ୍ତ ଜିଲ୍ଲାର ଜିଲ୍ଲା ମତ୍ସ୍ୟ ଅଧିକାରୀ କିମ୍ବା ମତ୍ସ୍ୟ ନିର୍ଦ୍ଦେଶାଳୟକୁ ଆବେଦନ କରିପାରିବେ।

୩. ସଂପୃକ୍ତ ବ୍ଲକ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ ନିର୍ଦ୍ଧାରିତ ନଥିପତ୍ର, ଫାର୍ମର ଅବସ୍ଥିତି ଇତ୍ୟାଦି ତନଖି କରି ରିପୋର୍ଟ ସହ ହିତାଧିକାରୀଙ୍କ ଫାର୍ମର ଭୌଗୋଳିକ ସ୍ଥିତି ସମ୍ବଳିତ ଫୋଟୋଗ୍ରାଫ୍ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ନିକଟକୁ ପଠାଇବେ।

୪. ମତ୍ସ୍ୟ ନିର୍ଦ୍ଦେଶାଳୟ ଦ୍ୱାରା ସ୍ଥିରୀକୃତ ଯନ୍ତ୍ରପାତି ଯୋଗାଣକାରୀଙ୍କ ଠାରୁ ହିତାଧିକାରୀ ସ୍ୱଇଚ୍ଛାରେ ଉପଯୁକ୍ତ ଯନ୍ତ୍ରପାତି ଓ ସରଞ୍ଜାମ କିଣି ବ୍ୟବହାର ପାଇଁ ଲଗାଇବା ପରେ ଜିଲ୍ଲାସ୍ତରୀୟ ତଦାରଖ କମିଟିଙ୍କ ଅନୁମୋଦନ କ୍ରମେ ରିହାତି ପ୍ରଦାନ କରାଯିବ।

୫. ପ୍ରତି ଯନ୍ତ୍ରପାତି ଓ ସରଞ୍ଜାମ ନିମନ୍ତେ ୪୦ ପ୍ରତିଶତ ରିହାତି କିମ୍ବା ସର୍ବାଧିକ ରିହାତି ସୀମା ମଧ୍ୟରେ ଅର୍ଥରାଶି ହିତାଧିକାରୀଙ୍କ ବ୍ୟାଙ୍କ୍ ଜମାଖାତାକୁ DBT ମାଧ୍ୟମରେ ସିଧାସଳଖ ହସ୍ତାନ୍ତର କରାଯିବ।

## ନୂଆ ପଦ୍ଧତିରେ ମାଛ ଚାଷ, ରୋଜଗାର ହେବ ଦ୍ୱିଗୁଣିତ।

ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକ୍‌ରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ
କିମ୍ବା ନିକଟସ୍ଥ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

**ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର**